# ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିଲ୍ ହେଲା ଇଭିଏମ୍, ଭିଭିପିଏଟି

ରାୟଗଡ଼ା,୧୧।୪(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ୍ (ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ) ଓ ଭିଭିପିଏଟି ମେଶିନ ସିଲ୍ ହୋଇ କଡ଼ା ସୁରକ୍ଷା ଭିତରେ ଗୁରୁବାର ୩ ଷ୍ଟ୍ରଙ୍ଗ୍‌ରୁମ୍‌ରେ ପହଞ୍ଚିଛି। ରାୟଗଡ଼ା ସହରସ୍ଥିତ ଏକଲବ୍ୟ ମଡେଲ ସ୍କୁଲ, ରାୟଗଡ଼ା ଜିସିଡି ହାଇସ୍କୁଲ ଏବଂ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି।

ରାୟଗଡ଼ା ନିର୍ବାଚନମଣ୍ଡଳୀର ୩୦୧ ବୁଥ୍ ପାଇଁ କୋରାପୁଟ ଲୋକ ସଭା ଆସନ ଭୋଟ ନିମନ୍ତେ ୩୮୮ ବାଲାଟ୍ ୟୁନିଟ୍, ୩୮୮ କଣ୍ଟ୍ରୋଲ ୟୁନିଟ୍ ଏବଂ ୪୧୫ ଭିଭିପିଏଟି ଏବଂ ରାୟଗଡ଼ା ବିଧାନସଭା ଆସନ ପାଇଁ ୩୮୮ ବାଲାଟ୍ ୟୁନିଟ୍, ୩୮୮ କଣ୍ଟ୍ରୋଲ ୟୁନିଟ୍ ଏବଂ ୪୧୫ଟି ଭିଭିପିଏଟି ମେଶିନ ପଠାଯାଇଛି। ସମସ୍ତ ମେଶିନ ରାୟଗଡ଼ା ସହରସ୍ଥିତ ଏକଲବ୍ୟ ମଡେଲ ସ୍କୁଲରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ତେବେ ଚଳିତ ଥର ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ରାୟଗଡ଼ାଠାରେ ଭୋଟ ଗଣତି କେନ୍ଦ୍ର ଓ ଷ୍ଟ୍ରଙ୍ଗ୍‌ରୁମ୍ ବ୍ୟବସ୍ଥା ସ୍ଥାନୀୟ ଜିସିଡି ହାଇସ୍କୁଲରେ କରାଯାଇଛି। ତେଣୁ ସମସ୍ତ ଇଭିଏମ୍ ଜିସିଡି ହାଇସ୍କୁଲଠାରେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି । ସେଠାରେ କୋରାପୁଟ ଲୋକ ସଭା ଆସନ ପାଇଁ ୩୭୭ ବାଲାଟ୍ ୟୁନିଟ୍, ୩୭୭ କଣ୍ଟ୍ରୋଲ ୟୁନିଟ୍ ଏବଂ ୪୦୪ ଭିଭିପିଏଟି ଏବଂ ବିଷମକଟକ ବିଧାନସଭା ଆସନ ଭୋଟ ପାଇଁ ୩୭୭ ବାଲାଟ୍ ୟୁନିଟ୍, ୩୭୭ କଣ୍ଟ୍ରୋଲ ୟୁନିଟ୍ ଏବଂ ୪୦୪ ଭିଭିପିଏଟି ମେଶିନ ରଖାଯାଇଛି। ସେହିପରି ଗୁଣପୁର ନିର୍ବାଚନମଣ୍ଡଳୀର ୨୮୯ ବୁଥ୍ ପାଇଁ କୋରାପୁଟ ଲୋକ ସଭା ଆସନ ଭୋଟ ନିମନ୍ତେ ୩୭୨ ବାଲାଟ୍ ୟୁନିଟ୍, ୩୭୨


ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଥିବା ଇଭିଏମ୍ ମେଶିନ୍ ।


ଜଣେ ଅଧିକାରୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସିଲ୍‌କରୁଛନ୍ତି ।

### ୨୪ ଘଣ୍ଟିଆ ସୁରକ୍ଷାରେ ରହିବ

କଣ୍ଟ୍ରୋଲ ୟୁନିଟ୍ ଏବଂ ୪୦୧ ଭିଭିପିଏଟି ମେଶିନ ଏବଂ ଗୁଣପୁର ବିଧାନସଭା ଆସନ ଭୋଟ ପାଇଁ ୩୭୨ଟି ବାଲାଟ୍ ୟୁନିଟ୍, ୩୭୨ କଣ୍ଟ୍ରୋଲ ୟୁନିଟ୍ ଏବଂ ୪୦୧ ଭିଭିପିଏଟି ମେଶିନ ପଠାଯାଇଛି । ଉକ୍ତ ମେଶିନଗୁଡ଼ିକ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ସେହିଭଳି ଭୋଟଦାନ ପାଇଁ ବିଧିବଦ୍ଧ ନିୟମାନୁଯାୟୀ ବିଷମକଟକ ନିର୍ବାଚନମଣ୍ଡଳୀର ସମସ୍ତ ୨୯୩ ବୁଥ୍‌କୁ ପଠାଯିବ ବୋଲି ଜଣାପଡ଼ିଛି। ଏହି ସମସ୍ତ ମେଶିନ ସିଲ୍ କରିବା ଏବଂ ପଠାଇବା ସମୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟୱାନ ମହାଜନ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ତ୍ରିନାଥ ମାଝି, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣଦୀପ କୌରଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ ଏବଂ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ୪୦ କୁଇଣ୍ଟାଲ ମହୁଲ, ୨ ଗାଡ଼ି ଜବତ: ୪ ଗିରଫ


ଜବତ ଗାଡ଼ି ଓ ମହୁଲ ବସ୍ତା ସହିତ ଗିରଫ ଅଭିଯୁକ୍ତ।

ରାୟଗଡ଼ା,୧୧।୪(ଆଶିଷ ରଞ୍ଜନ ପଣ୍ଡା)

ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚ କଡ଼ାକଡ଼ି କରାଯାଇଛି। ବିଶେଷକରି ଗଞ୍ଜେଇ, ମହୁଲ ଓ ବେଆଇନ ମଦ ଚୋରା ଚାଲାଣ ଉପରେ ଯାଞ୍ଚ କରାଯାଉଛି । ଗୁରୁବାର ସକାଳେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ବେଳେ କଲ୍ୟାଣସିଂହପୁର ବ୍ଲକ ଭେଜା ଛକଠାରେ ମହୁଲ ଚୋରା ଚାଲାଣ କରୁଥିବା ୨ଟି ପିକ୍‌ଅପ୍ ଗାଡ଼ି ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲାର ରୁଦ୍ରପ୍ରସାଦ ସା, ସୁରେଶ ଛିଣ୍ଡା, ଭୁବନ ଗହୀର ଏବଂ ଦୁଷ୍ମନ୍ତ ଜୁଆଡ଼ା । ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଦୁଇଟି ଗାଡ଼ିରୁ ୪୦ କୁଇଣ୍ଟାଲ ମହୁଲ ଜବତ କରାଯାଇଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଘଟଣାରୁ ପ୍ରକାଶ ଯେ, ଭେଜା

### ନିର୍ବାଚନ ପାଇଁ ଅବକାରୀ ଯାଞ୍ଚ କଡ଼ାକଡ଼ି

ଛକଠାରେ ଗାଡ଼ି ଯାଞ୍ଚ ସମୟରେ ଅବକାରୀ ବିଭାଗ ଅଧିକାରୀ ଗୋଟିଏ ମ୍ୟାକ୍ସ ପିକ୍‌ଅପ୍ ଗାଡ଼ି (ଓଡି୦୮ଏମ୪୫୩୩) ଏବଂ ଗୋଟିଏ ମିନି ଟ୍ରକ୍ (ଓଡି୦୮ଆର୨୭୯୩)କୁ ଅଟକାଇ ଯାଞ୍ଚ କରିଥିଲେ । ଉକ୍ତ ଗାଡ଼ିରେ ୫୦ଟି ଲେଖାଏ ଜରି ବସ୍ତା ଥିବାରୁ ଅବକାରୀ ଅଧିକାରୀଙ୍କ ସନ୍ଦେହ ଉପୁଜିବାରୁ ବସ୍ତା ଖୋଲିବା ପରେ ସେଥିରେ ମହୁଲ ରହିଥିବା ଦେଖିବାକୁ ମିଳିଥିଲା । ଫଳରେ ଉକ୍ତ ଦୁଇ ଗାଡ଼ି ସହିତ ସମସ୍ତ ମହୁଲ ଜବତ କରିଥିଲା ଅବକାରୀ ବିଭାଗ । ଗୋଟିଏ ଗୋଟିଏ ଗାଡ଼ିରେ ୨୦ କୁଇଣ୍ଟାଲ ମହୁଲ ରହିଥିବା ଓଜନରୁ ଜଣାପଡ଼ିଛି । ଏହି ଯାଞ୍ଚ ସମୟରେ ରାୟଗଡ଼ା ଅବକାରୀ ରେଞ୍ଜ ଇନ୍‌ସ୍ପେକ୍ଟର ସତ୍ୟନାରାୟଣ ଦାସ, ଓଆଇସି ସଞ୍ଜୟ କୁମାର ପ୍ରଧାନ, ଏସ୍‌ଆଇ ରାଶି ନାୟକ, ସଂଗ୍ରାମ ପ୍ରଧାନ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

ରାୟଗଡ଼ା,୧୧।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଟାଉନ ଥାନାରେ କାର୍ଯ୍ୟରତ କେତେଜଣ ସବ୍ ଇନ୍‌ସ୍ପେକ୍ଟର ଜଣେ ଯୁବକଙ୍କୁ ଥାନାକୁ ଆଣି ନିର୍ମମ ମାଡ଼ ମାରିବା ପରେ ଛାଡ଼ିଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଯୁବକଙ୍କ ସହ ତାଙ୍କ ମା’ ଓ ସ୍ଥାନୀୟ ସାହିବାସିନ୍ଦା ଗୁରୁବାର ଏସ୍‌ପି ହରିଶା ବି.ସି.ଙ୍କୁ ଅଭିଯୋଗ କରିଛନ୍ତି।


ପୋଲିସ ମାଡ଼ରେ ଲହୁଲୁହାଣ ହୋଇଥିବା ଯୁବକ।

ଘଟଣାରୁ ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତିରେ ରାୟଗଡ଼ା ରେଳ ଷ୍ଟେଶନ ନିକଟରେ ଏକ ହୋଟେଲରେ ଖାଇବା ସମୟରେ କେତେଜଣ ଯୁବକଙ୍କ ସହ ଟ୍ରେନିଂରେ ରହିଥିବା କେତେଜଣ ସବ୍‌ଇନ୍‌ସ୍ପେକ୍ଟରଙ୍କ ବଚସା ହୋଇଥିଲା। ସମସ୍ତ ପୋଲିସ କର୍ମଚାରୀ ସିଭିଲ ଡ୍ରେସ୍‌ରେ ରହିଥିଲେ। ତେବେ ମଙ୍ଗଳବାର ସକାଳେ ଏହି ଘଟଣାରେ ଟାଉନ ଥାନା ପୋଲିସ ପ୍ରକାଶ ନାମକ ଜଣେ ଯୁବକଙ୍କୁ ତାଙ୍କ ଘରୁ ଉଠାଇ ଆଣି ଥାନାରେ ରଖି ଅତି ନିର୍ମମ ଭାବେ ମାଡ଼ ମାରିଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶଙ୍କୁ ସେମାନେ ଛାଡ଼ି ଦେଇଥିଲେ । ପ୍ରକାଶଙ୍କ ହାତରେ ପୋଲିସ ମାଡ଼ ମାରିଥିବା ଚିହ୍ନ ସ୍ପଷ୍ଟ ଭାବେ ଦେଖାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ସାହିବାସିନ୍ଦା ଏସ୍‌ପି ହରିଶା ବି.ସି.ଙ୍କୁ ଅଭିଯୋଗ କରିଛନ୍ତି । ଏହି ମାମଲାର ତଦନ୍ତକରି ଏସ୍‌ପି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସାହିବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଟ୍ରେନିଂରେ ରହିଥିବା ଏସ୍‌ଆଇମାନଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି ।

# ଗୁଣପୁରରେ ଜିଲାର ଏକମାତ୍ର ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଲୋକାର୍ପିତ


ଜିଲାପାଳ ଏବଂ ଉପଜିଲାପାଳଙ୍କ ଉପସ୍ଥିତିରେ ଜଣେ ଅନ୍ୱେଷା ଛାତ୍ର ଫିତା କାଟି ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି ।

ଗୁଣପୁର,୧୧।୪(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ରାୟଗଡ଼ା ଜିଲାର ଏକ ମାତ୍ର ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଗୁରୁବାର ଲୋକାର୍ପିତ ହୋଇଛି । କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ୱେଷା ହଷ୍ଟେଲ ଛାତ୍ରଙ୍କ ଦ୍ୱାରା ଫିତା କାଟି ପ୍ରଦର୍ଶନ କେନ୍ଦ୍ରର ଲୋକାର୍ପଣ କରିଥିଲେ। ଗୁଣପୁର ଉପଜିଲାପାଳ କିରଣ ଦୀପ କୌର ସହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରୋତ୍ସାହନକ୍ରମେ ରାୟଗଡ଼ା ଜିଲା ପାଇଁ ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଗୁଣପୁରଠାରେ ଆୟୋଜିତ ହେଉଛି। ଭାରତ ସ୍ୱାଧୀନ ହେବା ପରଠାରୁ ହେଉଥିବା ସମସ୍ତ ନିର୍ବାଚନ କିପରି ପରିଚାଳିତ ହେଉଥିଲା, ସେ ବିଷୟ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିସହ କେନ୍ଦ୍ରରେ ସେଲ୍‌ଫି ପଏଣ୍ଟ, ସମୂହ ଦସ୍ତଖତ ବୋର୍ଡ, ଆଦିବାସୀ କୁଡ଼ିଆ ସହ ବ୍ୟବହୃତ ହେଉଥିବା ବାଲାଟ ବକ୍ସ, ଲଣ୍ଠନ, ଜଉ, ଇଭିଏମ୍, ଭିଭିପିଏଟି ଆଦି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଶତ ପ୍ରତିଶତ ଭୋଟଦାନ, ପୋଷ୍ଟାଲ ବାଲାଟ ଆଦି ଉପରେ ଗୁରୁତ୍ୱ ଦେଇ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥିବା ଜିଲାପାଳ ମହାଜନ ମତବ୍ୟକ୍ତ କରିଥିଲେ। ଗୁଣପୁର ଉପ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମଧୁସୂଦନ ମାଝି, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ସାମାଜିକ ସୁରକ୍ଷା ଅଧିକାଟି ଏଲ୍ .ସନ୍ତୋଷ, ମଙ୍ଗଳ ଅଧିକାରୀ ସୁରଜ ନାୟକ, ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ମୁନିଗୁଡ଼ାରେ ଇଦ୍ ପର୍ବ ପାଳିତ

ମୁନିଗୁଡା,୧୧।୪
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାରେ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ପବିତ୍ର ଇଦ୍ ପର୍ବ ମହା ଆଡମ୍ବରର ସହ ପାଳିତ ହୋଇଯାଇଛି। ମୁସଲମାନ ସମ୍ପ୍ରଦାୟର ଲୋକେ ରମଜାନ ମାସ ତମାମ ଉପବାସ ରହିବା ପରେ ବୁଧବାର ସନ୍ଧ୍ୟାରେ ଇଦ୍ ଚନ୍ଦ୍ରଙ୍କୁ ଦେଖି ନିଜ ନିଜର ଉପବାସ ଭାଙ୍ଗିଥିଲେ। ଗୁରୁବାର ସକାଳୁ ସମସ୍ତେ ନୂତନ ବସ୍ତ୍ର ଧାରଣକରି ମସ୍‌ଜିଦଠାରେ ପହଞ୍ଚିଥିଲେ। ସେଠାରେ ମସ୍‌ଜିଦର ମୁଖ୍ୟ ହାପିସା ମହମ୍ମଦ ଜାକ୍କାଉଲାଙ୍କ ଦ୍ୱାରା ସାମୂହିକ ନମାଜ ପାଠ କରାଯିବା ପରେ ଇଦ୍ ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରବଚନ ଦେଇଥିଲେ। ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ୍ ଜଣାଇବା ସହ ମିଷ୍ଟାନ୍ନ ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ପରେ ମସ୍‌ଜିଦ ପରିସରରେ ମୁସଲମାନ ସମାଜର ସଭାପତି ଏମ୍‌ଡି ଆୟୁବ, ଶେଖ ହବିବ୍, କରାମତ ହୁସେନ, ଅବଦୁଲ ରେହେମାନ, ଏମ୍‌ଡି ୟାସିନ, ଶେଖ ନବୁ, ଏମ୍‌ଡି. ଇଦ୍ରିସ, ଏମ୍‌ଡି ଫାରୁକ, ଏମ୍‌ଡି ତଫିକ, ଶେଖ ନାସାଦ, ଆଦାମ ଭାଇଙ୍କ ସମେତ ଯୁବ ସମାଜର ଶେଖ ଶାହରୁଖ,ଶେଖ ୱାସିମ,ଶେଖ ନସିମ,ଏମ୍‌ଡି ଇମ୍ରାନ,ଇମ୍ଳୁ,ରାଜ,ଆକ୍ରମ ପ୍ରମୁଖଙ୍କ ସମେତ ସମାଜର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ କରାଇଥିଲେ । ସେହିପରି ସମ୍ପ୍ରଦାୟର ମହିଳାମାନେ ନିଜ ନିଜ ଘରେ ନମାଜ ପାଠ କରିଥିବା ବେଳେ ଘରେ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ବ୍ୟଞ୍ଜନ ପ୍ରସ୍ତୁତ କରି ନିଜ ସମ୍ପର୍କୀୟ ଓ ଆଖପାଖ ପଡ଼ୋଶୀଙ୍କୁ ବଣ୍ଟନ କରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି ।


ମୁସଲମାନ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

# ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠା



ଅନୁପ ଜଲଟା ଓ ତାଙ୍କ ଗ୍ରୁପ୍ ଭଜନ ପରିବେଷଣ କରୁଛନ୍ତି ।

ଟିକିରି, ୧୧।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ଉଷା ପଡା ଉତ୍କଳ ଆଲୁମିନା ଟାଉନଶିପ୍ ପରିସରରେ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି । ୮ରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଶୁକ୍ରବାର ଲକ୍ଷ୍ମୀନାରାୟଣଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା ହେବା ନେଇ ଉତ୍କଳ ଆଲୁମିନା ପକ୍ଷରୁ ସୂଚନା ମିଳିଛି । ୮ରେ କଳସ ଯାତ୍ରା ଓ ଅଙ୍କୁର ରୋପଣ, ୯ରେ ରତ୍ନମୁଦ, ୧୦ରେ ଜଳାଧିବାସ ଓ ଯଜ୍ଞାରମ୍ଭ, ୧୧ରେ ଠାକୁର ସ୍ନାନ ଓ ସୟନ ଅନଷ୍ଠିତ ହୋଇଛି। ଶୁକ୍ରବାର ବିଗ୍ରହ ପ୍ରାଣ ପ୍ରତିଷ୍ଠା, ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ ବୋଲି ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ସୂଚନା ମିଳିଛି । ପ୍ରତ୍ୟକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ରାତିରେ ଗଜଲ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲଟା ଓ ତାଙ୍କ ଗ୍ରୁପ ଗଜଲ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ବିଷୁବ ମିଳନ ପ୍ରସ୍ତୁତି ବୈଠକ

ଗୁଣପୁର,୧୧।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ କାଳୀପୂଜା ମଣ୍ଡପଠାରେ ବିଷୁବ ମିଳନ ଉତ୍ସବ ପାଳନ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଂଶଧାରା ସାହିତ୍ୟ ସମାଜ ଓ ଗୁଣପୁର ନବନିର୍ମାଣ ସମିତିର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ କାଳୀପୂଜା ମଣ୍ଡପ ପରିସରରେ ବିଷୁବ ମିଳନ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ୧୪ ତାରିଖ ସନ୍ଧ୍ୟାରେ କବିତା ପାଠୋତ୍ସବ, ପଞ୍ଜିକା ପଠନ, କାବ୍ୟାୟନର ଲୋକାର୍ପଣ, ପଣା ସେବନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ କବିମାନଙ୍କ ସ୍ୱରଚିତ କବିତା ସଂଗ୍ରହ କରାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର କବି ସାହିତ୍ୟିକମାନଙ୍କୁ ନେଇ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା। ନିର୍ବାଚନକୁ ଆଖି ଆଗରେ ରଖି ନିରାଡମ୍ବର ଢଙ୍ଗରେ ପାଳନ କରିବାକୁ ସ୍ଥିର କରାଯାଇଥିଲା । ବଂଶଧାରା ସାହିତ୍ୟ ସମାଜର ସଭାପତି ପ୍ରଭାତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ଦାସ, ଉମାଶଙ୍କର ଦାସ, ରାଜେଶ ପାଢ଼ୀ, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଦୁର୍ଗା ଶତପଥୀ, ବିମଳ ମିଶ୍ର, ଦିଲୀପ ଚୌଧୁରୀ, ନିଖିଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଧ୍ରରୁ ୨୦ ଦାଦନ ଶ୍ରମିକ ଉଦ୍ଧାର

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

ଆନ୍ଧ୍ରରେ ନିର୍ଯାତନା ପାଉଥିବା ୨୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୧୪ ଜଣ ଝରିଗାଁ, ୨ଜଣ ଚନ୍ଦାହାଣ୍ଡି, ୩ ଜଣ ତେନ୍ତୁଳିଖୁଣ୍ଟି ଓ ଜଣେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ବୋଲି ସୂଚନା ମିଳିଛି। ତେବେ ସେଠାରେ ଆହୁରି ୧୧ ଜଣ ଶ୍ରମିକ ରହିଯାଇଥିବା ଜଣାପଡ଼ିଛି। ଚିଙ୍ଗୁଡ଼ି ଘେରା କରିଥିବା ମାଲିକ ସେଠାରେ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ଦେବା ସହ ପାରିଶ୍ରମିକ ଦେଉ ନ ଥିଲେ। ଏନେଇ ଶ୍ରମିକମାନେ ଓଡିଶା ନିର୍ମାଣ ଶ୍ରମିକ ସଙ୍ଗଠନ ଜିଲା ସମ୍ପାଦକ ରାଜେଶ ଜାନୀଙ୍କୁ ଜଣାଇଥିଲେ। ଶ୍ରମିକଙ୍କ ପରିବାର ସହିତ ରାଜେଶ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଅଭିଯୋଗ କରିଥିଲେ। ଏ ସେ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆନ୍ଧ୍ରପ୍ରଦେଶର ଇଷ୍ଟ ଗୋଦାବରୀ ଜିଲାପାଳଙ୍କୁ ଚିଠି କରାଯାଇ ଶ୍ରମିକମାନଙ୍କୁ ଉଦ୍ଧାର କରି ପଠାଇବାକୁ ଜଣାଇଥିଲେ। ସେଠାକାର ପ୍ରଶାସନ ଇଷ୍ଟ ଗୋଦାବରୀ ଜିଲା ପେଦାପୁଡ଼ି ଗାଁରୁ ୨୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ନବରଙ୍ଗପୁର ପଠାଇଛନ୍ତି।

# ପଦ୍ମପୁର, ଗୁଡ଼ାରିରେ ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର/ଗୁଡ଼ାରି,୧୧।୪
(ପ୍ରଶାନ୍ତ କୁମାର କର/ ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କୁ ପଦ୍ମପୁର ଏବଂ ଗୁଡ଼ାରିଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭାସ୍କର ରାଓ ଗୁରୁବାର ଅପରାହ୍ଣରେ ପଦ୍ମପୁର ସୁନାରିଘାଇ ଛକ ନିକଟରେ ପହଞ୍ଚିବା ପରେ ବହୁ ସମର୍ଥକ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ଭାସ୍କର ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା’ ଖିଲାମଣ୍ଡା ଠାକୁରାଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ପାଖରେ ଏକ ଦଳୀୟ ବୈଠକରେ ଭାସ୍କର ଯୋଗଦେଇ ଆଗାମୀ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକ ସଭା ଆସନ କିଭଳି ବିଜେଡି ଦଖଲ କରିବ ସେ ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି ସମୟରେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷା ମଣିମାଳା ସର, ବରିଷ୍ଠ ପୁରୁଖା ନେତା ରାଧା ଗୋବିନ୍ଦ ପାଣିଗ୍ରାହୀ, ଜିଲା ସମ୍ପାଦକ ଦୁର୍ଗା ସାହୁ, କୋଲନରାର ପୂର୍ବତନ ଜିଲା ପରିଷଦ ବି.ତ୍ରପତି ରାଓ, ଜି.ଶ୍ରୀନିବାସ ରାଓ, ଜି. ଗଣେଶ, କାଶୀନାଥ ବଳିଆରସିଂ ଓ ଗୁଡ଼ାରି ଜିଲା ପରିଷଦ ସଭ୍ୟ ପତିକ୍ରାସ୍କା, ଅନନ୍ତ ଶବର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୈଳାସ କ୍ରାସ୍କା, ଗୁଡିଆବନ୍ଧ ସମିତି ସଭ୍ୟ ଗୋଦାବରୀ ରାଉତ, ରଘୁନନ୍ଦନ ନାୟକ, ବ୍ରଜସୁନ୍ଦର ପାଣିଗ୍ରାହୀ, ମହେଶ ନାୟକ, ରାମଦାଶ, ବାଲାଜୀ ପାଢ଼ୀ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ସରୋଜ ଦାଶ, ଚିତ୍ତ ରଣା, ଆଦିବାସୀ ବିଜେଡି ନେତା ବିଜୟ ଶବରଙ୍କ ସହ ବହୁ ସମର୍ଥକ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ବୈଠକ ପରିଚାଳନା କରିଥିଲେ।

ସେହିପରି ଗୁଡ଼ାରିରେ ନେତା ଓ କର୍ମୀ ଭାସ୍କରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରେ ଭାସ୍କର କର୍ମୀଙ୍କ ସହ ନିର୍ବାଚନୀ ରଣନୀତି ଉପରେ ଆଲୋଚନା କରିଥିଲେ।

# ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ: ଭାସ୍କର ରାଓ

ଗୁଣପୁର,୧୧।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଏକ କଲ୍ୟାଣମଣ୍ଡପଠାରେ ବିଜେଡିର ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବନିଯୁକ୍ତ ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ ନୂଆ ଓ ପୁରୁଣା ନେତା ଏବଂ କର୍ମୀ ପୂର୍ବରୁ ଥିବା ସମସ୍ତ ମତଭେଦ ଭୁଲି ଏକାଠି ହୋଇ ଦଳ ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ।

ଅନ୍ୟପକ୍ଷରେ ଜିଲାରେ ଦଳର ରାଜନୈତିକ ହଟଚମଟ ମଧ୍ୟରେ ଭାସ୍କର ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସଙ୍କ ଗୋଷ୍ଠୀ ପରସ୍ପର ବିରୋଧୀ ହୋଇଥିବାବେଳେ ସୁଧୀରଙ୍କ ଗୋଷ୍ଠୀ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ନା ନାହିଁ ତା’ ଉପରେ ସମସ୍ତଙ୍କ ନଜର ରହିଥିଲା। ବରିଷ୍ଠ ନେତା ଏସ୍.ବାବା ପ୍ରସାଦ ରାଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ଥିଲେ। ସୁଧୀରଙ୍କୁ ଛାଡ଼ି ଦେଲେ ତାଙ୍କ ସମର୍ଥକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେବେ ସମସ୍ତେ ମିଳିମିଶି କାମ କଲେ ଦଳ ଏଠାରେ ନିଶ୍ଚୟ ବିଜୟ ଲାଭ କରିବ ବୋଲି ଭାସ୍କର ରାଓ ଦମ୍ଭୋକ୍ତି ସହ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ଗଡ଼ରେ ଜନତା ଦଳଠାରୁ ଆରମ୍ଭ କରି ବିଜେଡି ପର୍ଯ୍ୟନ୍ତ ତାଙ୍କର ରାଜନୈତିକ ଯାତ୍ରା ମଧ୍ୟରେ ହୋଇଥିବା ଘଟଣାବଳୀକୁ ନେତା ଏବଂ କର୍ମୀଙ୍କ ଆଗରେ ରଖିଥିଲେ । ଗୁଣପୁରଠାରେ କିପରି ସଙ୍ଗଠନ ଆରମ୍ଭ ହୋଇଥିଲା ଏବଂ ସେହି ସମୟରେ ଦେବେନ୍ଦ୍ର ଚୌଧୁରୀ, ସ୍ୱର୍ଗତ ରଘୁନାଥ ଗୌଡ଼ ଏବଂ ସ୍ୱର୍ଗତ ରବି ପାଢ଼ୀଙ୍କ ଅବଦାନ ସମ୍ପର୍କରେ ବଖାଣିଥିଲେ। ତେଣୁ ଆମ୍ଭେ ରାଜନୀତି କରିବା ପୂର୍ବରୁ ପୁରୁଣା କଥାକୁ ମନେପକାଇ ଆଗକୁ ବଢ଼ିବାକୁ ହେବ ବୋଲି କହିଥିଲେ। ତେବେ ଦଳ ଭିତରେ ରହିଥିବା ଅନ୍ତଃକନ୍ଦଳ ପାଇଁ ଗୁଣପୁର ପୌର ପରିଷଦ ଏବଂ ବ୍ଲକ ବିଜେଡି ହାତରୁ ଯାଇଥିବାବେଳେ ରାମନାଗୁଡାକୁ ମଧ୍ୟ ହରାଇବାକୁ ପଡ଼ିଥିଲା। ଏଥିପାଇଁ ଯେଉଁ ଦୋଷତ୍ରୁଟି

### ଗୁଣପୁରରେ ବିଜେଡିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ହୋଇଛି ସେଥିପାଇଁ ଆମେ ଦାୟୀ ବୋଲି ଭାସ୍କର କହିଥିଲେ। ଏବେ ଦଳରେ ଆଉ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ଏଥିରେ ଆଉ କିଏ ନେତା, କି ମାଧ୍ୟମ ନାହିଁ, ସମସ୍ତଙ୍କ ଅଭିଯୋଗ ଶୁଣାଯିବ । ସିଧାସଳଖ ତାଙ୍କ ସହକର୍ମୀମାନେ ଯୋଗାଯୋଗ କରିପାରିବେ ବୋଲି ଭାସ୍କର ରାଓ କହିଥିଲେ। ତେବେ ଆଗକୁ ଦଳରେ ବଡ଼ ଧରଣର ମିଶ୍ରଣ ପର୍ବ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଦେବୀପ୍ରସାଦ ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ବାଳି ଗମାଙ୍ଗ, ଇସ୍ମାଏଲ ଶବର, ଭାଗୀରଥି ବିଶୋୟୀ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଦଳକୁ ବିଜୟୀ କରିବା ପାଇଁ ନିଜର ମତ ରଖିଥିଲେ। ନଗର ସଭାପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ନେତା ଏବଂ କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଭାସ୍କର ରାଓ, ବିଧାୟକ ରଘୁନାଥ ଗମାଙ୍ଗ।

# ସୀମାନ୍ତ, ଅନ୍ୟ ବୁଥ୍‌ରେ ମତଦାନ ପାଇଁ ଆନ୍ଧ୍ର ଅଧିକାରୀଙ୍କ ଗୁରୁତ୍ୱ

ପଟ୍ଟାଙ୍ଗି, ୧୧।୪(ଶରତ ଧଳ)


ସାଲୁର ତହସିଲ କାର୍ଯ୍ୟାଳୟରେ ଆନ୍ଧ୍ର ପିଓ ଆଇଟିଡି ବିଷ୍ଣୁଚରଣ ଅଧିକାରୀମାନଙ୍କ ସହ ସମୀକ୍ଷା କରୁଛନ୍ତି ।

- ସାଲୁର ନିର୍ବାଚନମଣ୍ଡଳୀ
- ସାଲୁର ତହସିଲରେ ସମୀକ୍ଷା
- ଚେକ୍ ପୋଷ୍ଟରେ ରିଟର୍ନିଂ ଅଧିକାରୀ

ଗୋଟିଏ ଦିନରେ ଓଡ଼ିଶା ଏବଂ ଆନ୍ଧ୍ରରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ତାରିଖକୁ ନେଇ୨ ରାଜ୍ୟର ଜିଲା ଓ ବ୍ଲକ ପ୍ରଶାସନ ପାଇଁ ଚିନ୍ତା ବଢ଼ିଛି। ଏଥିସହ ନିର୍ବାଚନକୁ ସୁଚାରୁରୂପେ ପରିଚାଳନା ପାଇଁ ଉଭୟ ରାଜ୍ୟ ଗୁରୁତ୍ୱ ଦେଇଛନ୍ତି। ଏପରି ଦେଖିବାକୁ ମିଳିଛି ଆନ୍ଧ୍ର ରାଜ୍ୟ ସାଲୁର ନିର୍ବାଚନମଣ୍ଡଳୀ ଏବଂ କୋରାପୁଟ ଜିଲା ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା କୋଟିଆ ପଞ୍ଚାୟତରେ। ଆନ୍ଧ୍ର ସାଲୁର ନିର୍ବାଚନମଣ୍ଡଳୀ ଏବଂ ସୀମାନ୍ତ ଅନ୍ୟ ବୁଥ୍‌ଗୁଡିକରେ ଶୃଙ୍ଖଳିତ ମତଦାନ ପାଇଁ ଆନ୍ଧ୍ର ପିଓ ଆଇଟିଡି ବିଷ୍ଣୁଚରଣ ଗୁରୁତ୍ୱ ଦେଇଛନ୍ତି।

ସୂଚନାନୁସାରେ, ମେ ୧୩ରେ ଓଡ଼ିଶାର କୋରାପୁଟ ଲୋକ ସଭା ନିର୍ବାଚନ ହେଉଥିବା ବେଳେ ଏହିଦିନ ମଧ୍ୟରେ ଉକ୍ତ ଲୋକ ସଭା ଅଧୀନରେ ରହିଥିବା ୭ ବିଧାନସଭା କ୍ଷେତ୍ରରେ ନିର୍ବାଚନ ହେବା ଲାଗି ଦିନ ଧାର୍ଯ୍ୟ ହୋଇଛି, ଯାହାକି ଉକ୍ତ ୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ପଟ୍ଟାଙ୍ଗି ଅଧୀନରେ ଥିବା କୋଟିଆ ପଞ୍ଚାୟତକୁ ନେଇ ଜିଲା ଓ ବ୍ଲକ ପ୍ରଶାସନ ପାଇଁ ଚିନ୍ତା ବଢାଇ ଦେଇଛି। ଏପରି ସ୍ଥିତିରେ ଉକ୍ତ ତାରିଖରେ ପଡ଼ୋଶୀ ଆନ୍ଧ୍ର ରାଜ୍ୟରେ ନିର୍ବାଚନ ହେଉଛି। ସାଲୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୪ ବ୍ଲକ୍ ମାକୁଆ, ସାଲୁର, ମେଣ୍ଟେଡା ଓ ପାଚିପେଣ୍ଟା ରହିଛି । ସେଥିରୁ ସାଲୁର ବ୍ଲକ ଅଧୀନରେ ଓଡ଼ିଶାର ୪ ଗ୍ରାମକୁ ନେଇ ଗଠିତ ପଞ୍ଚାୟତରେ ଥିବା ନେରେଡିବାଲ୍‌ସା, ଟିକିପାରୁ ଓ ଡି. ଏଙ୍ଗାଲବାଲ୍‌ସାରେ ଥିବା ଭୋଟରଙ୍କୁ ନେଇ ଆନ୍ଧ୍ର ରାଜ୍ୟ ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ଏବଂ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଉକ୍ତ ରାଜ୍ୟର ଆଇଟିଡିଏ ପିଓ ତଥା ରିଟର୍ନିଂ ଅଧିକାରୀ ବିଷ୍ଣୁ ଚରଣଙ୍କ ଉପସ୍ଥିତିରେ ସାଲୁର ତହସିଲ କାର୍ଯ୍ୟାଳୟରେ ନିର୍ବାଚନ ପରିଚାଳନା ନିମନ୍ତେ ବୁଧବାର ରାତିରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ସାଲୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୮୪ ବୁଥ୍‌ରେ ଯେପରି ଭୋଟର ସୁରୁଖୁରୁରେ ମତଦାନ କରିପାରିବେ ସେ ନେଇ ଉକ୍ତ ବୈଠକରେ ଉପସ୍ଥିତ ବ୍ଲକ ସମେତ ଅନ୍ୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ଓଡ଼ିଶାର କୋଟିଆ ପଞ୍ଚାୟତ ୩ ବୁଥ୍‌ରେ ଥିବା ଭୋଟର ଯେପରି ପ୍ରଭାବିତ ନ ହୁଅନ୍ତି ସେଥିପ୍ରତି ମଧ୍ୟ କଡ଼ା ଦୃଷ୍ଟିଦେବାକୁ ପରାମର୍ଶ ଦିଆଯାଇଥିଲା। କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ ବୋଲି ବିଷ୍ଣୁଚରଣ କହିଥିଲେ।

କୋଟିଆ ପଞ୍ଚାୟତରୁ ଉପରସେମ୍ବି, ଧୂଳିପଦର ଓ ନେରିଡିବାଲସା ଦେଇ ଆନ୍ଧ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଅନେକ ଚୋରା ମଦ ଚାଲାଣ ସହ ଅନ୍ୟାନ୍ୟ ସାମଗ୍ରୀ ରାତିଅଧିଆ ସାଲୁର ଅଞ୍ଚଳରେ ପହଞ୍ଚୁଥିବାରୁ ଆନ୍ଧ୍ର ସୀମା ଦାଣ୍ଡିଗ୍ରାମ୍ ନିକଟରେ ହୋଇଥିବା ଏକ ଚେକ୍ ପୋଷ୍ଟରେ ରିଟର୍ନିଂ ଅଧିକାରୀ ବିଷ୍ଣୁଚରଣ ଗୁରୁବାର ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଚେକ୍ ପୋଷ୍ଟରେ ଥିବା ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍‌କୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଆନ୍ଧ୍ର ସାଲୁର ନିର୍ବାଚନମଣ୍ଡଳୀ ଅଧୀନରେ ୨ଲକ୍ଷ୨ହଜାର ଭୋଟର ରହିଛନ୍ତି। ସେଥିରୁ କୋଟିଆ ପଞ୍ଚାୟତର ୩ ବୁଥ୍‌ରେ ୨୫୫୪ ଭୋଟର ରହିଥିବା ଆନ୍ଧ୍ର ସରକାର ନିଜ ସରକାରୀ ତଥ୍ୟରେ ଉପସ୍ଥାପନ କରିଛନ୍ତି।

# ପ୍ରଭୁ ଜାନୀଙ୍କୁ ରିପିଟ୍ କଲା ବିଜେଡି

କୋରାପୁଟ,୧୧।୪(ଅମିତାଭ ବେହେରା)

ଲକ୍ଷ୍ମୀପୁର ବିଧାନସଭା ଆସନ



ରାଜ୍ୟ ବିଜେଡି ପକ୍ଷରୁ ବୁଧବାର ଚତୁର୍ଥ ପର୍ଯ୍ୟାୟରେ ଗୋଟିଏ ଲୋକ ସଭା ଆସନ ସହ ୯ ଟି ବିଧାନସଭା ଆସନ ନିମନ୍ତେ ପାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ତେବେ କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନ ସଭା ମଣ୍ଡଳୀ ଆସନ ନିମନ୍ତେ ପୁଣି ପ୍ରଭୁ ଜାନୀଙ୍କ ଉପରେ ବିଜେଡି ନେତୃତ୍ୱ ଆସ୍ଥା ପ୍ରକଟ କରି ଟିକେଟ ପ୍ରଦାନ କରିଛନ୍ତି। ଟିକେଟ୍ ଘୋଷଣା ପରେ ପ୍ରଭୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ରାଜ୍ୟ ନେତୃତ୍ୱଙ୍କୁ କୃତଜ୍ଞତା ଜଣାଇବା ସହ ଲକ୍ଷ୍ମୀପୁର ବିଧାନ ସଭା ଅଞ୍ଚଳରେ ବିକାଶ କାର୍ଯ୍ୟ ଜାରି ରଖିଥିବାରୁ ନିର୍ବାଚନରେ ନିଶ୍ଚିତ ଭାବେ ଲୋକଙ୍କଠାରୁ ବିପୁଳ ସମର୍ଥନ ପାଇବି ବୋଲି ଆଶା ରଖିଥିବା କହିଛନ୍ତି।

୨୦୧୯ ନିର୍ବାଚନରେ ଲକ୍ଷ୍ମୀପୁର ବିଧାନ ସଭା ଆସନରେ ବିଜେଡି ପକ୍ଷରୁ ପ୍ରଭୁ ଜାନୀଙ୍କୁ ପାର୍ଥୀ କରାଯାଇଥିଲା। ସେ ୩୪.୦୨ ପ୍ରତିଶତ ତଥା ୪୫,୨୧୧ ଭୋଟ ପାଇ ମାତ୍ର ୨୨୯ ଭୋଟ ବ୍ୟବଧାନରେ କଂଗ୍ରେସର କୈଳାସ କୁଲୁସିକାଙ୍କୁ ହରାଇ ବିଜୟୀ ହୋଇଥିଲେ। ହେଲେ ଏବେ କୈଳାସ କୁଲସିକା କଂଗ୍ରେସ ଛାଡିବିଜେଡିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଜିଲାରେ ଥିବା ୫ଟି ବିଧାନ ସଭା ଆସନରୁ କୋରାପୁଟ, କୋଟପାଡ, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ହେଲେ ଏବେ ବି ଜୟପୁର ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ତେବେ ଲକ୍ଷ୍ମୀପୁର ଆସନରେ କଂଗ୍ରେସ ପକ୍ଷରୁ ପବିତ୍ର ସାଉଁତା, ବିଜେଡିରୁ ପ୍ରଭୁ ଜାନୀଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଏବେ ସୁଦ୍ଧା ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ସୂଚନା ଥାଉକି, କୋରାପୁଟ ଜିଲାରେ ଆସନ୍ତା ୧୮ ତାରିଖରୁ ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି।

# ଇଦ୍ ଉପଲକ୍ଷେ ସ୍ୱତନ୍ତ୍ର ନମାଜ ପାଠ


କୋରାପୁଟ ପରଜା ସାହିଠାରେ ଥିବା ଇଦ୍‌ଗାରେ ସାମୂହିକ ନମାଜ ପାଠ କରାଯାଉଛି।

କୋରାପୁଟ,୧୧।୪ (ଅମିତାଭ ବେହେରା)

ମୁସଲିମ୍ ସମ୍ପ୍ରଦାୟର ପବିତ୍ର ଇଦ୍ ଉଲ୍ ଫିତର ଉପଲକ୍ଷେ ଗୁରୁବାର କୋରାପୁଟ ଇଦ୍‌ଗାରେ ସ୍ୱତନ୍ତ୍ର ନମାଜ ପାଠ କରାଯାଇଛି। ସହରରେ ବାସ କରୁଥିବା ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଛନ୍ତି । ଇଦ୍ ଉପଲକ୍ଷେ ସ୍ଥାନୀୟ ପୁଟିଳାସାହିସ୍ଥିତ ମସ୍‌ଜିଦକୁ ବିଦ୍ୟୁତ ଆଲୁଅରେ ସଜା ଯାଇଥିବାବେଳେ ପ୍ରତ୍ୟେକଙ୍କ ଘରେ ଲଛା, ମିଠା, ସେମିଆ ଆଦି ବିଭିନ୍ନ ରକମର ସୁସତବାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ବନ୍ଧୁବାନ୍ଧବଙ୍କୁ ଆପ୍ୟାୟିତ କରାଯାଉଥିବା ଦେଖିବାକୁ ମିଳିଛି। କୋରାପୁଟସ୍ଥିତ ପରଜା ସାହିଠାରେ ଥିବା ଇଦ୍‌ଗାରେ ଆୟୋଜିତ ସ୍ୱତନ୍ତ୍ର ନମାଜ ପାଠ କାର୍ଯ୍ୟକ୍ରମରେ ମସଜିଦର ଗୁରୁ ମୁଜାମୀ ହୁସେନ ଇଦ୍‌ଗାରେ ଉପସ୍ଥିତ ମୁସଲିମ ଭାଇମାନଙ୍କୁ ନମାଜ ପାଠ କରାଇଥିଲେ । ଏହି ଅବସରରେ କୋରାପୁଟ ସୁନି ମୁସଲିମ ସମ୍ପ୍ରଦାୟ ସଂଘର ସଭାପତି ଏ.ଏ ଖାନଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ସାମୂହିକ ନମାଜରେ ଅଂଶଗ୍ରହଣ କରିଥିଲେ ।

# ସୀମାନ୍ତ ବନ୍ଧୁଗାଁରୁ ୪ଶହ ଲିଟର ଦେଶୀମଦ ଜବତ

କୋରାପୁଟ,୧୧।୪(ଅମିତାଭ ବେହେରା)

କୋରାପୁଟ ଜିଲାପାଳ ଭି କିର୍ତ୍ତି ଭାସନ ଓ ଜିଲା ଅବକାରୀ ଅଧିକ୍ଷକଙ୍କ ଅରୁଣ କୁମାର ପାଢିଙ୍କ ନିର୍ଦ୍ଦେଶକ୍ରମେ ଗୁରବାର ଓଡିଶା ଓ ଆନ୍ଧ୍ର ଅବକାରୀ ବିଭାଗ ପକ୍ଷରୁ ସୀମାନ୍ତ ବନ୍ଧୁଗାଁ ବ୍ଲକର ଜୟକୋଟେ ପର୍ବତାଞ୍ଚଳରେ ଚଢାଉ କରାଯାଇଛି। ସେଠାରୁ ବ୍ୟାପକ ମହୁଲ ପୋଚ ନଷ୍ଟ କରାଯାଇଥିବାବେଳେ ୪ଶହ ଲିଟର ଦେଶୀ ମଦ ଜବତ କରିଥିବା ଜିଲା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ ଓ ଶାନ୍ତିଶୃଙ୍ଖଳା ଭାବେ ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ଚଢାଉ କରାଯାଇଛି। ଜିଲା ସହକାରୀ ଅବକାରୀ ଅଧିକ୍ଷକ ଶିଭାଙ୍ଗି ଆନନ୍ଦଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଚଢାଉରେ କୋରାପୁଟ ଅବକାରୀ ନୀରିକ୍ଷକ ସୁଧିର ସାହୁ, ନାରାୟଣପାଟଣା ଇନସ୍ପେକ୍ଟର ଚନ୍ଦ୍ରଶେଖର ପଢିହାରୀ, ରାଜୁ କୁମାର ଖିତି, ମାଝି ଗୌରୀ ପଟ୍ଟନାୟକ, ଏଏସ୍‌ଆଇ ଅମରନାଥ ବିଶୋଇ, ସୁଶାନ୍ତ ନାୟକଙ୍କ ସମେତ ଆନ୍ଧ୍ରର ପାର୍ବତୀପୁରମ ଅବକାରୀ ବିଭାଗର କର୍ମଚାରୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ଚଢାଉରେ ୫୦୦୦ ଲିଟର ମହୁଲପୋଚ, ୪ଶହ ଲିଟର ଦେଶୀ ରନ୍ଧା ମଦ, ମଦ ରନ୍ଧା ପାଇଁ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ, ରସ ହାଣ୍ଡି ଆଦି ବହୁ ସାମାଗ୍ରୀ ଜବତ କରାଯାଇଛି। ଆଗକୁ ଏପରି ଚଢାଉ ଜାରି ରହିବ ବୋଲି ଜିଲା ଅବକାରୀ ଅଧିକ୍ଷକ ଅରୁଣ ପାଢି କହିଛନ୍ତି।

# ଆନ୍ଧ୍ରରୁ ୨୦ ଦାଦନ ଶ୍ରମିକ ଉଦ୍ଧାର


ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

ଆନ୍ଧ୍ରରେ ନିର୍ଯ୍ୟାତନା ପାଉଥିବା ୨୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ୨୦ ଜଣ ଶ୍ରମିକଙ୍କ ମଧ୍ୟରୁ ୧୪ ଜଣ ଝରିଗାଁ, ୨ଜଣ ଚନ୍ଦାହାଣ୍ଡି, ୩ ଜଣ ତେନ୍ତୁଳିଖୁଣ୍ଟି ଓ ଜଣେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ବୋଲି ସୂଚନା ମିଳିଛି। ତେବେ ସେଠାରେ ଆହୁରି ୧୧ ଜଣ ଶ୍ରମିକ ରହିଯାଇଥିବା ଜଣାପଡ଼ିଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୬ ଓ ଝରିଗାଁ ବ୍ଲକର ୫ ଜଣ ବୋଲି ଉଦ୍ଧାର ହୋଇଥିବା ଶ୍ରମିକମାନେ କହିଛନ୍ତି।

ଖାଇବା ଓ ରହିବା ସହ ଦୈନିକ ୫ଶହ ଟଙ୍କା ପାରିଶ୍ରମିକ ପ୍ରତିଶ୍ରୁତି ଦେଇଥିଲେ ଚିଙ୍ଗୁଡ଼ି ଘେରା କରିଥିବା ମାଲିକ। କିନ୍ତୁ ସେଠାରେ ଶ୍ରମିକମାନଙ୍କୁ ନିର୍ଯ୍ୟାତନା ଦେବା ସହ ପାରିଶ୍ରମିକ ଦେଉନଥିଲେ। ଏନେଇ ଶ୍ରମିକମାନେ ଓଡିଶା ନିର୍ମାଣ ଶ୍ରମିକ ସଙ୍ଗଠନ ଜିଲା ସମ୍ପାଦକ ରାଜେଶ ଜାନୀ ଓ ଝରିଗାଁ ବ୍ଲକ ଭଇଁସିବନ୍ଧା ଗାଁର ଭଗ ସନ୍ତାନକୁ ଜଣାଇଥିଲେ। ଶ୍ରମିକଙ୍କ ପରିବାର ସହିତ ରାଜେଶ ଓ ଭଗ ଜିଲା ଶ୍ରମ ଅଧିକାରୀଙ୍କୁ ୮ ଓ ୯ ତାରିଖରେ ୨୦ ଜଣ ଶମିକଙ୍କ ନାମ ଓ ଠିକଣା ଜଣାଇଥିଲେ। ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଅଭିଯୋଗକୁ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ଆନ୍ଧ୍ରପ୍ରଦେଶର ଇଷ୍ଟ ଗୋଦାବରୀ ଜିଲାପାଳଙ୍କୁ ଚିଠି କରାଯାଇଥିଲା। ଶ୍ରମିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରି ପଠାଇବା ପାଇଁ ଜଣାଇଥିଲେ। ଇଷ୍ଟ ଗୋଦାବରୀ ଜିଲା ପେଦାପୁଡି ଗାଁରୁ ସେଠାକାର ପ୍ରଶାସନ ୨୦ ଜଣ ଶ୍ରମିକଙ୍କୁ ଉଦ୍ଧାର କରି ନବରଙ୍ଗପୁର ପଠାଇଛନ୍ତି। ନବରଙ୍ଗପୁର ପହଞ୍ଚିବା ପରେ ଶ୍ରମିକମାନେ ସେମାନେ ପ୍ରାପ୍ୟ ପାଇ ନ ଥିବା ସମ୍ପର୍କରେ ଜିଲା ଶ୍ରମଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉଦ୍ଧାର କରାଯିବା ସମୟରେ କାହାକୁ ୯ ହଜାର ଓ ୧୨ ଏଭଳି କିଛି ଟଙ୍କା ମାଲିକ ଦେଇଛନ୍ତି। ସେଠାରେ ଦେହ ଖରାପ ହେଲେ ଔଷଧ ଦିଆ ଯାଉ ନ ଥିଲା। ସନ୍ଧ୍ୟାରେ ଗୋଟିଏ ଘରେ ତାଲା ପକାଇ ଦିଆଯାଉଥିଲା। ପରିବାର ଲୋକଙ୍କ ସହ ମଧ୍ୟ କଥା ହେବାକୁ ଦିଆଯାଉ ନ ଥିଲା। ଗୋଟିଏ ଦିନ ମଧ୍ୟ ଛୁଟି ନ ଦିଆଯିବା ସହ ମାଡ଼ ମରାଯାଉଥିଲା। ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାମ କରାଯାଉଥିଲା ବୋଲି ତେନ୍ତୁଳିଖୁଣ୍ଟି ବ୍ଲକ ମିରିଜାନିଗୁଡା ଗାଁର ପଦଲାମ ପତ୍ର କହିଛନ୍ତି। ତେବେ ଶ୍ରମର ବକେୟା ଅର୍ଥ ଯେଉଁ ମାନେ ପାଇଁ ନାହାନ୍ତି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶ୍ରମଧିକାରୀ ଛୋଟରାୟ ଟୁଡୁ କହିଛନ୍ତି।

# ଷ୍ଟ୍ରଙ୍ଗରୁମ୍‌ରେ ପହଞ୍ଚିଲା ଇଭିଏମ୍, ଭିଭିପିଏଟ୍



ଜୟପୁର, ୧୧।୪ (ପବନ ପାଣିଗ୍ରାହୀ)

ଆଗାମୀ ସାଧାରଣ ନିର୍ବାଚନ ପାଇ କୋରାପୁଟରୁ ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମରେ ଇଭିଏମ୍ ଓ ଭିଭିପିଏଟ୍ ପହଞ୍ଚିଛି। କଡ଼ା ସୁରକ୍ଷା ବଳୟରେ କୋରାପୁଟ ଅଣାଯାଇ ସେଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ଜୟପୁର ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀ ପାଇ ଏହି ଇଭିଏମ ଓ ଭିଭିପିଏଟ୍ ଆସିଛି। ଇଭିଏମ ଓ ଭିଭିପିଏଟ୍‌କୁ ଷ୍ଟ୍ରଙ୍ଗ୍‌ରୁମ ରଖିବା ସମୟରେ ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ମୋନାଲିସା ଆଚାଯ୍ୟ ଉପସ୍ଥିତ ଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଇଭିଏମ ଓ ଭିଭିପିଏଟ୍‌କୁ ଷ୍ଟ୍ରଙ୍ଗରୁମ ରଖାଯାଇଥିବା ଉପଜିଲାପାଳ ପରିଡ଼ା ସୂଚନା ଦେଇଛନ୍ତି।

# ମହୁଲି ସହ ଦେଶୀମଦ ଜବତ, ୩ ଗିରଫ

ନନ୍ଦପୁର, ୧୧।୪(ଶଙ୍କର ପୂଜାରୀ)

ଜିଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଅବକାରୀ ନୀରିକ୍ଷକ ଅର୍ଣ୍ଣପୂର୍ଣା ରଥଙ୍କ ନେତୃତ୍ୱରେ ଏକ ଟିମ୍ ବାଦିଗଡ଼ ଡୋଲିଗୁଡ଼ା ଓ ଡୁସୁବା ଗ୍ରାମରେ ଗୁରୁବାର ଚଢ଼ାଉ କରିଛି। ସେଠାରୁ ୪୬ ଲିଟର ମହୁଲି ଓ ୧୯ଲିଟର ଦେଶୀ ଅପମିଶ୍ରିତ ମଦ ଜବତ କରାଯାଇଛି। ମଦବିକ୍ରି କରୁଥିବା ବାଦିଗଡ ଗ୍ରାମର ଦେବା ଖରା, ଡୋଲିଗୁଡ଼ା ଗ୍ରାମର ଉପେନ୍ଦ୍ର ଖରା, ଡୁଶୁବା ଗ୍ରାମର ଡାଳିମ୍ବ ସୀସାଙ୍କୁ ଗିରଫ କରାଯାଇଛି। ନନ୍ଦପୁର ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଅବକାରୀ ରେଞ୍ଜ ନୀରିକ୍ଷକ ଅନ୍ନପୂର୍ଣ୍ଣା ରଥ ସୂଚନା ଦେଇଛନ୍ତି। ଚଢାଉ ଦଳରେ ନନ୍ଦପୁର ଅବକାରୀ ଓଆଇସି ଅଭୟ ନାୟକ, ଏଏସ୍‌ଆଇ ରାମ ବଡ଼ନାୟକ, କନଷ୍ଟେବଲ ଦେବେନ୍ଦ୍ର ଖରା, ଗୀତାରାଣୀ ଦଳପତି, ଜ୍ଞାନରଞ୍ଜନ ଦୀକ୍ଷିତ, ଗଙ୍ଗା ଶଙ୍କର ଓ ଦମନ ସୁମନ ପ୍ରମୁଖ ସାମିଲ ଥିଲେ। ଆଗକୁ ଏଭଳି ଚଢାଉ ଜାରି ରହିବ ବୋଲି ସୂଚନା ମିଳିଛି।

# ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

ନବରଙ୍ଗପୁର,୧୧।୪(ସଦାଶିବ ପ୍ରହରାଜ)

ନିମ୍ନମାନର ପାଇଖାନା ଓ ଗାଧୁଆ ଘର ନିର୍ମାଣ ଅଭିଯୋଗ

ମାଆ ଗୃହର ନିର୍ମାଣଧୀନ ପାଇଖାନା ଓ ଗାଧୁଆ ଘର କାର୍ଯ୍ୟରେ ମହାଦୁର୍ନୀତି ଅଭିଯୋଗ ପରେ ଘଟଣାର ତଦନ୍ତ କରଯାଇଛି। ଉମରକୋଟ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏସ୍‌ଡିଓ ଗୌରାଙ୍ଗ ପ୍ରସାଦ ମାଝି, ଡାବୁଗାଁ କନିଷ୍ଠ ଯନ୍ତ୍ରୀ ରଶ୍ମୀରଞ୍ଜନ ସେଠୀ ପାଇଖାନା ଗୃହ ସକପିଟର ମପିଚୁପ କରିବା ସହ ପାଇପ ଲାଇନ, ୱେୟାରିଂ, ଖୋଲାଯାଇଥିବା ପାଇଖାନା ଟାଙ୍କି ଆଦି ଦେଖିଥିଲେ। ପୈଖାଁ ଘରର ଗୋଟିଏ କବାଟ ଫାଟିଥିବା ଓ ପ୍ଲେଟ କେତୋଟି ଫାଟି ନଷ୍ଟ ହୋଇଥିବାରୁ ତାହା ବଦଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗାଧୁଆ ଘର ଓ ପାଇଖାନାରେ ଭେଣ୍ଟିଲେସନ କରାଯାଇ ନ ଥିବା ଓ ରାସ୍ତା ସଂକୀର୍ଣ୍ଣ କାହିଁକି କରାଯାଇଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ କନିଷ୍ଠ ଯନ୍ତ୍ରୀ ମମତା ବଷୋୟୀଙ୍କୁ ପଚାରିଥିଲେ। ସକପିଟ ପୂର୍ବରୁ ରହିଥିଲା ତାହା ଉପରେ କେବଳ ସିମେଣ୍ଟ ଆଚ୍ଛାଦିତ କରାଯାଇଥିବା ଅଭିଯୋଗ ହେବାରୁ ଯନ୍ତ୍ରୀ ତାହାର ମାପଚୁପ କରିଥିଲେ। ଗ୍ୟାସ ପାଇପ ଗୁଡିକ ଉପରକୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସହକାରୀ ଯନ୍ତ୍ରୀ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮ ପ୍ରତିଶତ ଜିଏସ୍‌ଟି କାଟି ପାଇଖାନା ଓ ଗାଧୁଆଘର ନିର୍ମାଣ କରାଯାଉଥିବା ନେଇ ମାର୍ଚ୍ଚ ୨୩ରେ କହିଥଲେ। ଗୁରୁବାର ତଦନ୍ତକାରୀ ଟିମକୁ ଜିଏସ୍‌ଟି କାଟି ୩ ଲକ୍ଷ ୭୭ ହଜାର ଟଙ୍କାର ଏଷ୍ଟିମେଟ ଦେଇଥିଲେ। ଏହାର ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ଗାଇଡଲାଇନ ଓ ଏଷ୍ଟିମେଟ କଣ କିଭଳି କଣ ହେବାକଥା ତାହାର ମଧ୍ୟ ରିପୋର୍ଟ କରି ଦିଆଯିବ ବୋଲି କହିଛନ୍ତି। ଏନେଇ ସିଡିଏମ୍‌ଓ କାଳୀ ପ୍ରସାଦ ବେହେରାଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାଆ ଗୃହ ରହିବ। ଗ୍ରାମ୍ୟ ବିକାଶ ସଙ୍ଗଠନ ସେଠାରେ ଥିବା ଏକ ଟିଣ ଛପର ଘର ମରାମତି କରିଥିଲେ। ସେଠାରେ ରହିବାକୁ ଥିବା ଗର୍ଭବତୀଙ୍କ ପାଇଁ ପାଇଖାନା ଓ ଗାଧୁଆ ଘର ନ ଥିବାରୁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ନିର୍ମାଣ କରିବ ବୋଲି କହିଥିଲେ। ଏହି ପାଇଖାନା ଓ ଗାଧୁଆ ଘର ନିର୍ମାଣ କାମ ନିମ୍ନମାନର ଓ ଏଥିରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରାଯାଇଥିଲା। ସାମାଜିକ କର୍ମୀ ବିଭୁତି ପ୍ରସାଦ ପଣ୍ଡା ଜିଲାପାଳ, ମୁଖ୍ୟ ଶାସନ ସଚିବ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ମେଲ ଅଭିଯୋଗ କରିଥିଲେ। ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବିଳମ୍ବ ଘଟିଥିଲା। ଏହାକୁ ନେଇ ପୁଣିଥରେ ଅଭିଯୋଗ ପରେ ଗୁରୁବାର ତଦନ୍ତ ହୋଇଥିଲା।



# ନାଟକ 'ବିଶ୍ୱାସର ଆମ୍ବଲିପି', 'ଅସ୍ତ୍ରାଗାର ରଙ୍ଗ' ମଞ୍ଚସ୍ଥ

ଦାମନଯୋଡି,୧୧।୪ (ମାନସ ରଞ୍ଜନ କର)


'ବିଶ୍ୱାସର ଆମ୍ବଲିପି' ନାଟକର ଏକ ଦୃଶ୍ୟ।

ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ୯ମ ସନ୍ଧ୍ୟା

କୋରାପୁଟ ଜିଲା ଦାମନଯୋଡ଼ି ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ୯ମ ସନ୍ଧ୍ୟାରେ ରାଉରକେଲା ସ୍ୱସ୍ତି ଝଙ୍କାର ପକ୍ଷରୁ ନାଟକ ବିଶ୍ୱାସର ଆମ୍ବଲିପି ଓ ଭୁବନେଶ୍ୱର ପ୍ରତିଭା ନାଟ୍ୟ ପରିଷଦ ପକ୍ଷରୁ ଅସ୍ତ୍ରାଗର ରଙ୍ଗ ମଞ୍ଚସ୍ଥ ହୋଇଥିଲା। ୯ମ ସନ୍ଧ୍ୟାରେ ନାଲ୍‌କୋ ଇଡି ସୁଶୀଲ କୁମାର ପାଢ଼ୀ, ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ପୂର୍ବତନ ଅଧ୍ୟକ୍ଷ ନେତ୍ରାନନ୍ଦ ମହାରଣା ଅତିଥିଭାବେ ଯୋଗଦେଇଥିଲେ।

ସନ୍ଦେହ ପୁରୁଷର ସହଜାତ ପ୍ରବୃତ୍ତି ଏବଂ ସମର୍ପଣରେ ନାରୀ କିଭଳି ମହନୀୟା ମହୀୟସୀ ହୁଏ ତାହାର ବାର୍ତ୍ତା ବିଶ୍ୱାସର ଆମ୍ବଲିପି ଦେଇଥିଲା। ଡଃ ସୁଧାଂଶୁ ନାୟକଙ୍କ ରଚନା ଓ ରାଜୀବ ପାଣିଙ୍କ ନିର୍ଦ୍ଦେଶନାରେ ଏହି ନାଟକଟି ପରିବେଷଣ ହୋଇଥିଲା। ଏହି ନାଟକରେ ଡଃ ସୁଶାନ୍ତ ପାଣି ସଙ୍ଗୀତ ଏବଂ ଆଲୋକ ବୋଷ ଓ ଗୟାଧର ମହାଳିକ ମଞ୍ଚ ପରିଚାଳନା କରିଥିଲେ। ରାଜୀବ ପାଣି, ରାଜକୁମାର ମହାନ୍ତି, କିଶୋରୀ ମୋହନ କର, ଗଙ୍ଗାଧର ଜେନା,ବିଶ୍ୱଜିତ ନାୟକ, ସତ୍ୟମ୍ ପାଣି, ବବି ମହାଳିକ ଓ ଗୀତା ବେହେରା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ। ନାଟ୍ୟକାର ଫକିର ସିଂ ରଚିତ ଓ ଦୀପ୍ତିରଞ୍ଜନ ଦାଶଙ୍କ ନିର୍ଦ୍ଦେଶନାରେ ଅସ୍ତ୍ରାଗର ରଙ୍ଗ ମଞ୍ଚସ୍ଥ ହୋଇଥିଲା। ଯେତେବେଳେ କୌଣସି ଗୋଟାଏ ଅଘଟଣ ପାଇଁ ଆତ୍ମୀୟସ୍ୱଜନ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଦାୟୀ କରନ୍ତି ସେତେବେଳେ ସେଇ ବ୍ୟକ୍ତି ବିଶେଷଙ୍କର ଜୀବନ ଦୁର୍ବିସହ ହୋଇଯାଏ। ଉକ୍ତ ସନ୍ଦେହର ନାଗଫାଶରୁ ନିଜକୁ ମୁକୁଳେଇ ନେବାପାଇଁ କେତେବେଳେ କେଉଁ ଉପାୟ ବାଛି ନିଏ, ତାହା ସଠିକ ନିର୍ଣ୍ଣୟ କରିବା କଷ୍ଟସାଧ୍ୟ ହୋଇପଡ଼ିବା ନାଟକ 'ଅସ୍ତ୍ରାଗର ରଙ୍ଗ'ର ସାରମର୍ମ ଓ ଅନ୍ତର୍ନିହିତ ବାର୍ତ୍ତା। ନାଟକରେ ଶକ୍ତିପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକରେ ଅଭିଜିତ ଏବଂ ପ୍ରଜ୍ଞା ଓ ସୁବାସ ମଞ୍ଚ ପରିଚାଳନା କରିଥିଲେ। ବିମଳ ପାଟ୍ଟଯୋଶୀ, ଅମରଦୀପ ମହାନ୍ତି, ସୁନୀଲ ନାୟକ, ଗାୟତ୍ରୀ ରଥ, ଅର୍ଚ୍ଚିତା ଦାଶ ଓ ରଶ୍ମିତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ। ଉଭୟ ନାଟକରେ ଶ୍ରୀକାନ୍ତ ସାହୁ ଓ ନିର୍ମଳ ରାଉତ ମଞ୍ଚ ସଂଯୋଜନା କରିଥିଲେ। ନାଟ୍ୟ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମତଦାନ ହାର ବୃଦ୍ଧି ନେଇ ଭୋଟରଙ୍କୁ ସଚେତନତା

**ଜିଲା ପ୍ରଶାସନର ଝୋଟି ପ୍ରତିଯୋଗିତା, ବରିଷ୍ଠ ନାଗରିକଙ୍କ ସହ ଆଲୋଚନା**

କୋରାପୁଟ,୧୧।୪(ଅମିତାଭ ବେହେରା)

କୋରାପୁଟ ଜିଲାରେ ଆସନ୍ତା ମେ ମାସ ୧୩ ତାରିଖରେ ସାଧାରଣ ନିର୍ବାଚନ ହେବ। ଏହି ନିର୍ବାଚନରେ ମତଦାନ ହାର ବୃଦ୍ଧି ଏବଂ ନୂତନ ଭୋଟରଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି। ମତଦାନ ଉପରେ ସଚେତନତା ସୃଷ୍ଟି ନେଇ ଝୋଟି ପ୍ରତିଯୋଗିତା ଓ ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଡିଆଇପିଆରଓ ସ୍ୱରାଜ୍ୟ ଶିଶା, କୋରାପୁଟ ପୌର ପରିଷଦର ସିଏମ୍ଏମ୍ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ, ଜଗବନ୍ଧୁ ସାମଲ, ପି.ସି. ମହାପାତ୍ର, ନାରାୟଣ ପଣ୍ଡା, ଜଳଧର ସ୍ୱାଇଁ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଜିଲା ପରିଷଦର ଅଧିକାରୀ ହିମାଂଶୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ସହରରୁ ଶତାଧିକ ବରିଷ୍ଠ ନାଗରିକ, ଏସ୍ଏଚ୍ଜି ମହିଳା ପ୍ରମୁଖ ଯୋଗଦେଇଥିଲେ।


ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତିଯୋଗୀମାନେ ଝୋଟି ପକାଉଛନ୍ତି।

# ଆନ୍ଦୋଳନକୁ ଜିଲା ବାର୍ ଆସୋସିଏଶନର ସମର୍ଥନ

**ବିଭିନ୍ନ ଦାବିରେ କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ**

ଜୟପୁର, ୧୧।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ସେମାନେ କାଗଜ କଳ ସମ୍ମୁଖରେ ଚାଲିଥିବା ଧାରଣାରେ ଯୋଗଦେଇଥିଲେ। ପ୍ରତିନିଧି ଦଳରେ ବରିଷ୍ଠ ଓକିଲ ତଥା ପୂର୍ବତନ ସଭାପତି ବିରେଶ ପଟ୍ଟନାୟକ, ରାଜ୍ୟ ବାର୍ କାଉନସିଲ ସଦସ୍ୟ ପି.ରମେଶ ପାତ୍ର, ଜିଲା ବାର୍ ଆସୋସିଏସନ ସଭାପତି ତ୍ରିନାଥ ସିଂ ଲାଲ୍ , ସମ୍ପାଦକ ମହେନ୍ଦ୍ର ଅଧିକାରୀ, ଉପସଭାପତି ସତ୍ୟବ୍ରତ ପାଢ଼ୀ, ଯୁଗ୍ମ ସମ୍ପାଦକ ପି. ସନ୍ୟାସୀ ରାଓ, କୋଷାଧ୍ୟକ୍ଷ ସହଦେବ ପଟ୍ଟନାୟକ, ଯୁବ ଓକିଲ ତଥା ଲିଗାଲ୍ଏଡ୍ ଡିଫେନସ୍ କାଉନସିଲ୍ ତଥା ବିଭକ୍ତ କୋରାପୁଟ ଜିଲାର ପରଜା ସମାଜର ଅଧ୍ୟକ୍ଷ ହରିଶ୍ ମୁଦୁଲି, ଆଇନଜୀବୀ ଗିରିଧର ଖରା, ଜୟନ୍ତ ସାନ୍ତ୍ରା, ସୁରେଶ ହଡପ, ଶୀତଲ ରଥ ଏବଂ ତାପସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ଓକିଲ ସଂଘର ସମର୍ଥନ ଜଣାଇ ଏକ ଚିଠି ଅବସରପ୍ରାପ୍ତ ଶ୍ରମିକ ସମୂହଙ୍କୁ ଦେଇଛନ୍ତି। ଶ୍ରମିକଙ୍କ ବର୍ତ୍ତମାନର ୫ମାସର ଦରମା ସହ ବିଜ୍ନେସ୍ ଟ୍ରାନ୍ସଫର ଏଗ୍ରିମେଣ୍ଟ ବା ବିଟିଏକୁ ଆଇନ ଅନୁସାରେ ଲାଗୁ କରିବା ଦାବି ଯଥାର୍ଥ ଏବଂ ଯୁକ୍ତିଯୁକ୍ତ। ଅବସର ପରେ ଶ୍ରମିକଙ୍କ ଷ୍ଟାଟ୍ୟୁଟୋରି ପେମେଣ୍ଟ ଗ୍ରାଚ୍ୟୁଇଟି ଏବଂ ପ୍ରୋଭିଡେଣ୍ଟ ଫଣ୍ଡ ଦେବା ସହ ପେନ୍ସନ ଯୋଗାଇବା ପାଇଁ ଅବହେଳା ଓ ଅଣଦେଖା କରିବା ଅତ୍ୟନ୍ତ ନିନ୍ଦନୀୟ ଓ କ୍ଷୋଭର ବିଷୟ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଆବଶ୍ୟକସ୍ଥଳେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ଜିଲା ବାର୍ ଆସୋସିଏଶନର ଜେନେରାଲ ବଡି ମିଟିଂରେ ପ୍ରସ୍ତାବ ପାରିତ କରି ଚିଠି ଲେଖିବା ସହ ଯୁଗ୍ମ ଶ୍ରମ କମିଶନର ଏବଂ ଜିଲାପାଳଙ୍କ ହସ୍ତକ୍ଷେପ ସହ ସେବା ପେପର ମିଲ୍ର କର୍ତ୍ତୃପକ୍ଷଙ୍କୁ ତାଗିଦକରି ଅତିଶୀଘ୍ର ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରାଯିବ ବୋଲି ରାଜ୍ୟ ବାର୍ କାଉନସିଲ ସଭ୍ୟ ଏବଂ ଓକିଲ ସଂଘ ସଭାପତି କହିଛନ୍ତି।

# ଇଭିଏମ୍ ପରିଚାଳନା ତାଲିମ

ପଟ୍ଟାଙ୍ଗି, ୧୧।୪(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଇଭିଏମ୍ ପରିଚାଳନା ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲିମଦାତା ଭାବେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଟି. ମିନତୀ ଏବଂ ବ୍ଲକ ମଙ୍ଗଳ ଅଧିକାରୀ ଅନୀଲ କୁମାର ସେଠୀ ତାଲିମ କେନ୍ଦ୍ରରେ ଦ୍ୱିତୀୟ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ୭୨ ଜଣ ପୋଲିଂ ଅଧିକାରୀଙ୍କୁ ଇଭିଏମ୍ ଚଳାଇବେ ସମ୍ପର୍କରେ ଶିଖାଇଥିଲେ। ଏଥିସହ ମତଦାନ ସମୟରେ ସମସ୍ୟା ସୃଷ୍ଟି ହେଲେ କିପରି ସମାଧାନ କରିବେ ସେନେଇ ନିଜ ନିଜ କୌଶଳରେ ତାଲିମ ପ୍ରଦାନ କରାଯାଇଛି। ଜିପିଓ ଦାୟିତ୍ୱରେ ରହିଥିବା ପିଇଓ ଦିବାକର ପୁରୋହିତ, ବିଏସ୍ଏସ୍ଓ ସୁଧୀର କୁମାର ସାହୁ ପ୍ରମୁଖଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ତାଲିମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଯେ, ବ୍ଲକର ବିଭିନ୍ନ ସରକାରୀ ଅନୁଷ୍ଠାନ ଏବଂ ଶିକ୍ଷା ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି।

# ଓଡ଼ିଆ ନବ ବର୍ଷ ପାଳନ ପ୍ରସ୍ତୁତି ବୈଠକ

ଉମରକୋଟ, ୧୧।୪ (ସନ୍ତୋଷ ଶତପଥୀ )

ଆସନ୍ତା ୧୪ ତାରିଖ ରବିବାର ଓଡ଼ିଆ ନବବର୍ଷ ପଡୁଥିବାବେଳେ ଏହାକୁ ଆଡ଼ମ୍ବର ସହ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଗୁଳିପାଟଣା ବାବା ବୈଦନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଛି। ଶନିବାର ୬ ରୁ ୧୦ମ ଛାତ୍ରୀଛାତ୍ର ଙ୍କ ମଧ୍ୟରେ ଓଡିଆ ପରମ୍ପରା ଓ ପର୍ବ ପର୍ବାଣୀ ନେଇ ଏକ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସିଟି ସ୍କୁଲରେ କରିବା ନେଇ ବୈଠକରେ ସ୍ଥିର ହୋଇଛି। ରବିବାର ଏକ ସଙ୍କୀର୍ତ୍ତନ ମଣ୍ଡଳୀ ଡିଏନ୍କେ ଗୋପବନ୍ଧୁ ଛକରୁ ବାହାରି ସହର ପରିକ୍ରମା କରିବ। ସନ୍ଧ୍ୟାରେ ଏକ ସାଧାରଣ ସଭା ସହ ସାଂସ୍କୃତିକ କାର୍ଯକ୍ରମ କରାଯିବ ନେଇ ବୈଠକରେ ସ୍ଥିର ହୋଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ବୈଠକରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ଜୟଦେବ କୁମାର ପରିଡ଼ା, ଆଇନଜୀବୀ ଝାଡେଶ୍ୱର ମହାନ୍ତି, ଟୁଲୁ ସାହୁ, କୃଷ୍ଣ ପ୍ରସାଦ ପଟ୍ଟନାୟକ, ସଞ୍ଜିତ ମଣ୍ଡଲ, କୁନା ସାହୁ, ସୁଶୀଲ ବେହେରା, ରଜତ ସାନ୍ତ୍ରା, ବିପିନ ମାଝି, ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଯତିନ ପଣ୍ଡା, ସନ୍ତୋଷ ପାତ୍ର, କେଦାରେଶ୍ୱର ପଟ୍ଟନାୟକ, ଝୁନା ପରିଡ଼ା, ଅଜିତ ସ୍ୱାଇଁ, ବାଲାଜୀ ବେହେରା, କୃପାରାମ ସାହୁ, ଅଶୋକ ପ୍ରଧାନ, ଗୋପାଳ ପଟ୍ଟନାୟକ, ନୀଳମାଧବ ନାୟକ, ସୁରେଶ ଆଚାର୍ଯ୍ୟ, ସଞ୍ଜୟ ବେହେରା, ଉପସ୍ଥିତ ଥିଲେ। ଶିକ୍ଷକ ଟୁଟୁ ବାବୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ବୁଦ୍ଧିଜୀବୀ।

# ଧୂଳିଦଣ୍ଡ, ପାଣିଦଣ୍ଡ , ଅଗ୍ନିଦଣ୍ଡରେ ଭକ୍ତିମୟ ପରିବେଶ


ଓସିସି ନଗର ଗାଁରେ ଧୂଳିଦଣ୍ଡ।

**ସେମିଳିଗୁଡ଼ା ଓସିସି ନଗରରେ ଦଣ୍ଡଯାତ୍ରା**

ସୁନାବେଡ଼ା,୧୧।୪(କୃତ୍ତିବାସ ପ୍ରଧାନ)

ମା ମଙ୍ଗଳା ପୂଜା କମିଟି ପକ୍ଷରୁ ସେମିଳିଗୁଡ଼ାସ୍ଥିତ ଓସିସି ନଗରରେ ମା ଦଣ୍ଡକାଳୀଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ସ୍ଥାନୀୟ ପୂଜା କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ଏଇଏଫ୍ ସୁନାବେଡ଼ାରୁ ୩୮ ଜଣିଆ ଦଣ୍ଡୁଆ ଦଳ ଏଠାରେ ପହଞ୍ଚିଥିଲେ। ନୀତି ଅନୁଯାୟୀ ଦଣ୍ଡୁଆ ମାନେ ଧୂଳିଦଣ୍ଡ, ପାଣିଦଣ୍ଡ , ଅଗ୍ନିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସକାଳେ ଦଣ୍ଡୁଆମାନେ ସେମିଳିଗୁଡ଼ା ସହର ବିଭିନ୍ନ ସାହି ପରିକ୍ରମା କରିବା ସହ ସାହି ବାସିନ୍ଦାଙ୍କ ଘର ଦାଣ୍ଡକୁ ଯାଇ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ଓସିସି ନଗର ଗାଁ ଭିତର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ ହୋଇଥିଲା। ଏହା ପରେ ନନ୍ଦପୁର ରୋଡ୍ସ୍ଥିତ କୋଡ଼ିଗାଁ ବନ୍ଧରେ ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଭାଙ୍ଗିଥିଲେ। ସନ୍ଧ୍ୟାରେ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ମା ଦଣ୍ଡକାଳୀଙ୍କ ସନ୍ଧ୍ୟା ଆରତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଯାତ୍ରାରେ ମା ମଙ୍ଗଳା ପୂଜା କମିଟି ସଭାପତି ସାଇ ପ୍ରସାଦ ଖୁଣ୍ଟିଆଙ୍କ ସମେତ ବିଜୟ ବାଡ଼ତ୍ୟା, ନୀଳାଞ୍ଚଳ ରାଉତ, ମଦନ ମୋହନ ପ୍ରଧାନ ଓ ଶିବରାମ ବେହେରା, ବାବୁଲି ବାଡ଼ତ୍ୟା, ସୁଶାନ୍ତ ସ୍ୱାଇଁ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସମ୍ବେଦନଶୀଳ ବୁଥ୍ରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଲକ୍ଷ୍ୟ

**ଡାବୁଗାଁରେ ପୋଲିସର ଫ୍ଲାଗ୍ମାର୍ଚ୍ଚ**

ଡାବୁଗାଁ, ୧୧।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ପକ୍ଷରୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଡାବୁଗାଁ ପୋଲିସ ପକ୍ଷରୁ ଡାବୁଗାଁରେ ଗୁରୁବାର ଅପରାହ୍ଣରେ ଫ୍ଲାଗ୍ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍ମାର୍ଚ୍ଚ ଥାନାରୁ ବାହାରି ଜୟନ୍ତୀନଗର ଦେଇ ଡାବୁଗାଁ ଗ୍ରାମର ସାହିଗୁଡିକରେ ଫ୍ଲାଗ୍ମାର୍ଚ୍ଚ କରି ଥାନାକୁ ଫେରିଥିଲେ। ଏଥିରେ ଡାବୁଗାଁ ତହସିଲଦାର ହରିଓମ ଭୋଇ, ବିଡିଓ ଶରତ ମାଝି, ଆଇଆଇସି ସୁନୀଲ କୁମାର ପ୍ରଧାନ, ସିଆର୍ପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଜୟ କୁମାର, ଥାନା ସବ୍ଇନ୍ସପେକ୍ଟର ବିଜୁରାମ ବାଗ, ଏଏସ୍ଆଇ ଗୋପାଳକୃଷ୍ଣ ହଲୱା ଓ ଚନ୍ଦ୍ରଶେଖର ହଜାରୀ, ସିଂସାରି ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ ଓ ସିଆର୍ପିଏଫ୍ ବାହିନୀ ଯୋଗଦେଇଥିଲେ। ଡାବୁଗାଁ ବ୍ଲକରେ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ଏଣୁ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବା ପାଇଁ ପୋଲିସର ଏହିସବୁ ପ୍ରୟାସ ଜାରି ରହିବ ବୋଲି ଡାବୁଗାଁ ଥାନା ଆଇଆଇସି ସୂଚନା ଦେଇଛନ୍ତି।


ଫ୍ଲାଗ୍ମାର୍ଚ୍ଚରେ ଯବାନମାନେ ସହର ପରିକ୍ରମା କରୁଛନ୍ତି।

# ବେଆଇନ ବନ୍ଧୁକ, ୨ ଜୀବନ୍ତ ଗୁଳି ସହ ଯୁବକ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ସମ୍ପର୍କରେ ଏସ୍ଡିପିଓ ସୂଚନା ଦେଉଛନ୍ତି।

**ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ଆକ୍ରମଣରେ ମହିଳା କନଷ୍ଟେବଳ ଆହତ**

ନନ୍ଦପୁର,୧୧।୪(ଶଙ୍କର ପୂଜାରୀ)

ନନ୍ଦପୁର ପୋଲିସ ଚଢ଼ାଉକରି ଜଣେ ଯୁବକଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ ୨ଟି ଜୀବନ୍ତ ଗୁଳି ଜବତ କରିଛି। ଚଢ଼ାଉବେଳେ ଯୁବକଙ୍କ ଆକ୍ରମଣରେ ଜଣେ ମହିଳା କନଷ୍ଟେବଳ ଆହତ ହୋଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସମ୍ବିତ କୁମାର ମାଝି ଗୁରୁବାର ଏକ ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ ସଦର ଗାଁର ଯୋଗେନ୍ଦ୍ର ଖେମୁଣ୍ଡୁ (୩୦)।

ସୂଚନାନୁଯାୟୀ, ଯୋଗେନ୍ଦ୍ର ଏକ ବେଆଇନ ବନ୍ଧୁକ ରଖି କିଛି ଆପରାଧିକ ଘଟଣା ଭିଆଇବାକୁ ଯୋଜନା କରୁଥିବା ନେଇ ନନ୍ଦପୁର ପୋଲିସ ପାଟ୍ରୋଲିଂ ଦଳକୁ ସୂଚନା ମିଳିଥିଲା। ବୁଧବାର ସନ୍ଧ୍ୟାରେ ହିକିମ୍ପୁଟ ଗ୍ରାମରେ ପୋଲିସ ଚଢ଼ାଉ ସହ ଯୋଗେନ୍ଦ୍ରଙ୍କ ଘର ତଲାସି କରାଯାଇଥିଲା। ଯୋଗେନ୍ଦ୍ରଙ୍କ ନିକଟରୁ ଏକ ୭ ରାଉଣ୍ଡ ବିଶିଷ୍ଟ ପିସ୍ତଲ ସହ ୨ଟି ଜୀବନ୍ତ ଗୁଳି ମିଳିଥିଲା। ତଲାସି ସମୟରେ ଚଢ଼ାଉ ଦଳରେ ଥିବା ନନ୍ଦପୁର ଥାନା ମହିଳା କନଷ୍ଟେବଳ ସାବିତ୍ରୀ ହନ୍ତାଳ ଯୋଗେନ୍ଦ୍ରଙ୍କ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଯୋଗେନ୍ଦ୍ରଙ୍କ ନାମରେ ବେଆଇନ ମାରଣାସ୍ତ୍ର ରଖିବା ଓ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ନେଇ ମାମଲା ରୁଜୁ କରାଯାଇଛି। କେସ୍ ନଂ. ୫୦/୨୪ରେ ମାମଲା ରୁଜୁ କରାଯାଇଛି। ଗୁରୁବାର ଯୋଗେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଯୁବକଙ୍କ ଆପରାଧିକ ଓ ପିସ୍ତଲର ଇତିହାସ ଜାଣିବାକୁ ତଦନ୍ତ କରାଯାଉଛି। ତଦନ୍ତ ଦାୟିତ୍ୱ ଥାନାଧିକାରୀ ମମତା ପଣ୍ଡାଙ୍କୁ ଦିଆଯାଇଛି। ଚଢ଼ାଉ ଦଳରେ ଏସ୍ଆଇ ବେଦୋବର ସାହୁ, ହାବିଲଦାର ପି.ସି. ନାୟକ, କନଷ୍ଟେବଳ ଆର୍.ହାଲବା, ଜି.ଚପାଡ଼ି ଓ ସାବିତ୍ରୀ ହନ୍ତାଳ ସାମିଲ ଥିଲେ।

# ସମୂହ ନମାଜ ପାଠ ସହ ଭୋଜିର ଆସର

**ଚନ୍ଦାହାଣ୍ଡିରେ ଇଦ୍-ଉଲ୍-ଫିତର୍ ପାଳିତ**

ନବରଙ୍ଗପୁର/ଚନ୍ଦାହାଣ୍ଡି,୧୧।୪ (ସଦାଶିବ ପ୍ରହରାଜ/ ଦିଲୀପ ଦାସ)

ନବରଙ୍ଗପୁର ସହରରେ ଇଦ୍-ଉଲ-ଫିତର ଗୁରୁବାର ପାଳିତ ହୋଇଛି। ମୁସଲିମ ସମ୍ପ୍ରଦାୟର ରମଜାନ ମାସ ତଥା ୩୦ ଦିନ ଉପବାସର ପରିସମାପ୍ତିକୁ ଇଦ୍-ଉଲ-ଫିତର ଭାବେ ପାଳନ କରିଥାନ୍ତି। ମୁସଲିମ ଧର୍ମାବଲମ୍ବୀମାନେ ୩୦ ଦିନ ଉପବାସ କରି ତାରବି ନମାଜ ଓ କୋରାନ ପାଠ କରିଥିଲେ। ପରମ୍ପରା ଅନୁଯାୟୀ ପବିତ୍ର ରମଜାନ ମାସରେ ସମସ୍ତ ମୁସଲିମ ଧର୍ମର ଲୋକ ନିଜ ନିଜ ସମ୍ପତିର ୨.୫ % କାଢି ଗରିବ ମାନଙ୍କ ମଧ୍ୟରେ ଦାନ କରିଥିଲେ। ବୁଧବାର ଚାନ୍ଦ ଦେଖିବା ପରେ ଗୁରୁବାର ଇଦ୍-ଉଲ-ଫିତର ପାଳନ କରାଯିବ ବୋଲି ନବରଙ୍ଗପୁରର ମସଜିଦର ମୌଲାନ ମୁଫତି ଅଫତାବ ଆଲମ୍ ଘୋଷଣା କରିଥିଲେ। ତଦନୁଯାୟୀ ଗୁରୁବାର ନବରଙ୍ଗପୁର ଜମା ମସଜିଦରେ ସକାଳେ ୮ଟାରେ ମୁସଲିମ ଧର୍ମାବଲମ୍ବୀମାନେ ଏକାଠି ହୋଇଥିଲେ। ଏହାପରେ ମୌଲାନାଙ୍କ ନେତୃତ୍ବରେ ଇଚ୍ଛାବତିଗୁଡା ଇଦଗାହ୍ ପର୍ଯ୍ୟନ୍ତ ସମସ୍ତେ ଯାଇ ସେଠାରେ ସେଠାରେ ସାମୁହିକ ନମାଜ ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସେକ ସାଜନ, ଏମ୍.ଡି ଜାହୁର, ତାଜ ଇମ୍ରାନ ସାରିଫ, ଅମିରୁ, ଏମ୍.ଡି ଅମୀନ ପ୍ରମୁଖ ସହଯୋଗ କରିଥିଲେ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ସୁନ୍ନୀ ରଜଭି ଜାମା ମସ୍ଜିଦ ମୋହରା ଏବଂ ବେହେରାମୁଣ୍ଡା ଜାମା ମସ୍ଜିଦ୍ ଆନୁକୂଲ୍ୟରେ ଇଦ୍-ଉଲ୍-ଫିତର୍ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଶୋଭାଯାତ୍ରାରେ ସୁନ୍ନୀ ସମ୍ପ୍ରଦାୟ ମୁସଲମାନମାନେ ମୋହରା ମସ୍ଜିଦ ପରିସରରେ ଏକାଠି ହୋଇ ନାରେ ତକବିର- ଆଲ୍ଲାହୁ-ଅକବର ସ୍ଲୋଗାନ ଦେଇ ଇଦ୍ଗାରେ ପହଞ୍ଚିଥିଲେ। ଏହା ପରେ ମୌଲାନା ସୋହେବ ରଜାଙ୍କ ପୌରୋହିତ୍ୟରେ ଇଦ୍ର ନମାଜ ପାଠ କରିବା ପରେ ସମସ୍ତେ ପରସ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ। ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କଠାରେ ଦୁଆ ମାଗିବା ସହ କବରସ୍ତାନ (ଶ୍ମଶାନ)କୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ପବିତ୍ର ରମ୍ଜାନ ମାସରେ ୧ ମାସ ତରାବି ନମାଜ ପାଠରେ କୋରାନ ପାଠ ଶୁଣାଇଥିବା ହାଫିଜ୍ ସୋହେବ ରଜାଙ୍କୁ ମୋହରା ମସ୍ଜିଦ୍ କମିଟି ତରଫରୁ ୩୦ହଜାର ଟଙ୍କା ନଜରାନା ପ୍ରଦାନ କରାଯାଇଥିଲା। ସେହିଭଳି ଅନାଥ ପିଲାମାନେ ପଢୁଥିବା ଆଶ୍ରମକୁ ପଠେଇବା ନିମନ୍ତେ ୮ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହା ପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟିଥିଲେ। ଏଥିରେ ସଭାପତି ସୁଲତାନ ଅଲ୍ଲୀ, ଉପସଭାପତି ମୁରାଦ ଅଲ୍ଲୀ, ସମ୍ପାଦକ ମହମ୍ମଦ ସକିଲ, ମହମ୍ମଦ ଇଲିୟାସ, ମହମ୍ମଦ ରଫିକ, ମହମ୍ମଦ ହନିଫ, ମହମ୍ମଦ ୟୁନୁସ, ମହମ୍ମଦ ସଫିକ ପ୍ରମୁଖ ଉପସ୍ଥିତ ଥିଲେ।


ନବରଙ୍ଗପୁରର ଏକ ମସ୍ଜିଦ୍ରେ ସମୂହ ନମାଜ ପାଠ ପାଇଁ ଏକାଠି ହୋଇଥିବା ମୁସଲିମ୍ ଧର୍ମାବଲମ୍ବୀମାନେ।


ଚନ୍ଦାହାଣ୍ଡି କବରସ୍ଥାନରେ ପ୍ରାର୍ଥନା କରିବାକୁ ଆସିଥିବା ମୁସଲିମ୍ ଧର୍ମାବଲମ୍ବୀମାନେ।

